ସର୍ବସାଧାରଣ
sarbasadharana

05th Dec, 2020

### ଆଇଆଇଟି ଭୁବନେଶ୍ୱରର ୯ମ ସମାବର୍ତ୍ତନ ଉତ୍ସବ

# କଠିନ ପରିଶ୍ରମ କଲେ ସ୍ୱପ୍ନ ସାକାର ହେବ




ଜଟଣୀ(ଆପ୍ର): ଜଟଣୀସ୍ଥିତ ଆଇଆଇଟି ଭୁବନେଶ୍ୱରର ନବମ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଛି। କୋଭିଡ୍ କଟକଣା ମଧ୍ୟରେ ଉତ୍ସବ ପାଳିତ ହୋଇଥିବାବେଳେ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଡ. ରମେଶ ପୋଖରିୟାଲ ନିଶଙ୍କ ଯୋଗ ଦେଇ ସମସ୍ତ ସ୍ନାତକ ଉପାଧିଧାରୀ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଏବଂ ଅଭିନନ୍ଦନ ଜଣାଇବା ସହିତ ଶିକ୍ଷା କ୍ଷେତ୍ରରେ କଠିନ ପରିଶ୍ରମ କଲେ ସ୍ୱପ୍ନ ନିଶ୍ଚିତ ସାକାର ହେବ ବୋଲି କହିଥିଲେ। ସମ୍ମାନିତଅତିଥି ଭାବେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ ଯୋଗ ଦେଇ ଆଇଆଇଟି ପରିସରରେ ନବନିର୍ମିତ ଛାତ୍ର ଗତିବିଧି କେନ୍ଦ୍ର, ଆତ୍ୟାଧୁନିକ ଖେଳ କ୍ଷେତ୍ର ଓ ମାନବିକ ସାମାଜିକ ବିଜ୍ଞାନ ଓ ପ୍ରବନ୍ଧନ ବିଜ୍ଞାନ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହାସହ ଭାରତ ସରକାରଙ୍କ ଶିକ୍ଷା ନୀତିରେ ନୂତନ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ସୁଦୃଢ଼ ଓ ଲମ୍ବା ପଥରେ ସହାୟ ହେବ ବୋଲି ଉଦ୍‌ବୋଧନ ଦେଇଥିଲେ।

ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ରାଜୁମ୍ ଭି ରାଜକୁମାର ସମସ୍ତ ଛାତ୍ରଛାତ୍ରୀଙ୍କ ଉତ୍କୃଷ୍ଟ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ଏ ଅବସରରେ ଆଇଆଇଟିର ୪୪୬ ଜଣ ଛାତ୍ରଛାତ୍ରୀଙ୍କ ସହିତ ୩୫ ଜଣ ପିଏଚ୍‌ଡି, ୧୪୧ ଜଣ ଏମ୍‌ଟେକ୍, ୭୦ ଜଣ ଏମ୍‌ଏସ୍‌ସି ଏବଂ ୨୦୦ ଜଣ ବିଟେକ୍ ଡିଗ୍ରୀଧାରୀଙ୍କୁ ଉଭୟ ପ୍ରତ୍ୟକ୍ଷ ଓ ଭିଡିଓ କନଫରେନ୍ସ ମାଧ୍ୟମରେ ସମ୍ମାନିତ କରାଯାଇଥିଲା। ଏତଦ୍‌ବ୍ୟତୀତ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ବିଟେକ୍ ଛାତ୍ର ଅଦିତ୍ୟ ପାଲଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ, ସ୍କୁଲ୍ ଅଫ ଇନଫ୍ରାଷ୍ଟ୍ରକଚର ଏମ୍‌ଟେକ୍ ଛାତ୍ର ସଂକେତ ଦେ ଚୌଧୁରୀ ଏବଂ ଫିଜିକ୍ସ ସ୍କୁଲ ଅଫ ବେସିକ୍ ସାଇନ୍ସର ଏମ୍‌ଏସ୍‌ସି ଛାତ୍ର ସୌରିଭ ଚକ୍ରବର୍ତ୍ତୀଙ୍କୁ ଡାଇରେକ୍ଟର ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ସେହିଭଳି ବିଟେକ୍ ବ୍ୟାଚ୍‌ର ଅଦିତ୍ୟ ପାଲ୍, ଅରବିନ୍ଦ୍ ଟିକେ ଆର୍, ଅଭିଷେକ ମିଶ୍ର, ଅମନ୍ ସିଂଘାଲ୍ ମନପୁରମ କୋଟି ଭେଙ୍କଟ ସାଇ ଅଦିତ୍ୟ, ଶୁଭଜିତ୍ ମଣ୍ଡଳ ଏବଂ ଏମ୍ ଟେକ୍ ବ୍ୟାଚର ସଂକେତ ଦେ ଚୌଧୁରୀ, ଦୁସାନେ ଅଭିଜିଆ ରାଜେନ୍ଦ୍ର, ପ୍ରିୟବ୍ରତ ଦାସ, ଅନୁପ କୁମାର ଯାଦବ, ଗୌରବ ଭଟ୍ଟାଚାର୍ଯ୍ୟ, ଖାଡ଼କେ ଲାଳା ସଞ୍ଜୟ ଏବଂ ଦେବଜିତ୍ ରଣା ଓ ଏମ୍‌ଏସ୍‌ସି ବ୍ୟାଚ୍‌ର ସୌରିଭ ଚକ୍ରବର୍ତ୍ତୀ ଅଧୃଜନା ସୁଶାନ୍ କେମ୍ପୁ, ଦେବବ୍ରତ ମଣ୍ଡଳ, ସୁଦେଷ୍ଣା ଗୋସ୍ୱାମୀ ଏବଂ ଅର୍ଣ୍ଣପ୍ରଭା ରାୟ ପ୍ରମୁଖଙ୍କୁ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ସିଲ୍‌ଭର ମେଡାଲରେ ସମ୍ମାନିତ କରାଯାଇଥିଲା। ସମ୍ମିଳନୀରେ କୁଳପତି ସୁବୋଧ କୁମାର ଏବଂ ଭିନ୍ ପ୍ରକାଶ୍ ରଞ୍ଜନ ସାହୁ, ପ୍ରଫେସର ଆର୍ କେ ପଣ୍ଡା, ପ୍ରଫେସର ଭିଆର୍ ପେଡ୍ଡି ରେଡ୍ଡୀ, ଅତିରିକ୍ତ କୁଳପତି ଦେବୀରଙ୍କ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଆଇଆଇଟି ଚେୟାରମ୍ୟାନ୍ ବୋର୍ଡ ଅଫ୍ ଗଭର୍ଣ୍ଣର ଡ. ରାଜେନ୍ଦ୍ର ପ୍ରସାଦ ସିଂ ସମସ୍ତ ଛାତ୍ରଛାତ୍ରୀ, ବରିଷ୍ଠ ଅଧିକାରୀ, ଶିକ୍ଷା କର୍ମୀ ଓ କର୍ମଚାରୀଙ୍କ ଶୁଭ ଭବିଷ୍ୟତ କାମନା କରିଥିଲେ।